# ଟଙ୍କା ପଇସା ଦିଆନିଆ କରିବା

ଦିନେ ଅଜା ତାଙ୍କ ଘର ସଫା କରୁଥିଲେ। ସଫା କରୁଥିବା ବେଳେ ଗୋଟିଏ ଡବା ପାଇଲେ। ସେଥିରେ ଆଗରୁ ଚଳୁଥିବା ମୁଦ୍ରା ଓ ବର୍ତ୍ତମାନର କିଛି ମୁଦ୍ରା ଥିଲା। ଏହି ସମୟରେ ତାଙ୍କ ନାତି ଆସି ସେଠାରେ ପହଞ୍ଚିଲା। ହାତରୁ ଡବାଟି ଟାଣିନେଲା। ନେଉନେଉ ଡବାଟି ତଳେ ପଡ଼ିଗଲା। ମୁଦ୍ରାସବୁ ତଳେ ବିଛାଡ଼ି ହୋଇ ପଡିଲା। ନାତିର ଖୁସି କହିଲେ ନ ସରେ। ସେ ସେଗୁଡ଼ିକୁ ଦେଖିଲା। ଅଜା ତାକୁ ଗୋଟି ଗୋଟି କରି ସବୁ ମୁଦ୍ରା ଚିହ୍ନାଇଲେ ଓ ନିଜ ପକେଟରୁ ନୋଟଗୁଡ଼ିଏ ବାହାର କରି ଦେଖାଇଲେ। ଆସ ଜାଣିବା, ସେ ଡବାରେ କି କି ମୁଦ୍ରା ଥିଲା ? ପକେଟ୍‌ରେ କି କି ନୋଟ୍ ଥିଲା ?





**ଏବେ କୁହ :**

- ଡବାଟିରେ କେତୋଟି ମୁଦ୍ରା ଥିଲା ? ________
- କି କି ମୁଦ୍ରା ଥିଲା ? ________
- କେତୋଟି ଟଙ୍କିକିଆ ମୁଦ୍ରା ଥିଲା ? ________
- ପ୍ରତ୍ୟେକ ମୁଦ୍ରାରୁ କେତୋଟି ଲେଖାଏଁ ଅଛି ଗଣ ଓ କୁହ।

● ଅଜା ପକେଟରୁ କେତେ ନୋଟ୍ ବାହାର କରି ଚିହ୍ନାଇଲେ । ଆସ, ସେ ସବୁକୁ ଚିହ୍ନିବା ।




























**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରକୃତ ମୁଦ୍ରା ଓ ନୋଟ୍‌କୁ ଆଣି ପିଲାଙ୍କୁ ଚିହ୍ନାଇବେ । ଥରକେ ୩/୪ଟି ମୁଦ୍ରା ବା ନୋଟ୍ ନେଇ ସେଗୁଡ଼ିକର ପରିମାଣ କେତେ ଅଛି ଆଲୋଚନା କରିବେ । ଯେପରି ୩/୪ଟି ମୁଦ୍ରା ବା ନୋଟ୍‌ର ମୋଟ ପରିମାଣ ୫୦ ଟଙ୍କାରୁ ଅଧିକ ନହୁଏ ସେଥିପ୍ରତି ଦୃଷ୍ଟି ଦେବେ ।



## ଅଭ୍ୟାସ କାର୍ଯ୍ୟ

୧. ସମାନ ପରିମାଣକୁ ଗାର ଟାଣି ଚିହ୍ନାଅ—




୨. କୋଠରିରେ ଥିବା ମୁଦ୍ରା ଓ ନୋଟ୍ ଗୁଡ଼ିକର ମୂଲ୍ୟ ଖାଲିଘରେ ଲେଖ ।

| | |
|---|---|
|  | ୫ ଟଙ୍କା |
|  | |
|  | |
|  | |
|  | |
|  | |
|  | |
|  | |

୩. ତଳେ ଦିଆଯାଇଥିବା ନୋଟ୍ ଦେଖି ଖାଲିଘର ପୂରଣ କର ।

 ☐ ଟି = 

 ☐ ଟି = 

 ☐ ଟି = 

୪. ଖାଲିଘର ଉତ୍ତର ଲେଖ ।

(କ) ୧ ଟଙ୍କାରେ କେତୋଟି ୨୫ ପଇସା ମୁଦ୍ରା ହେବ ? ☐

(ଖ) ୧ ଟଙ୍କାରେ କେତୋଟି ୫୦ ପଇସା ମୁଦ୍ରା ହେବ ? ☐

(ଗ) ୨ ଟଙ୍କାରେ କେତୋଟି ୧ ଟଙ୍କା ମୁଦ୍ରା ହେବ ? ☐

(ଘ) ୨ ଟଙ୍କାରେ କେତୋଟି ୫୦ ପଇସା ମୁଦ୍ରା ପାଇବା ? ☐

(ଙ) ୨ ଟଙ୍କାରେ କେତୋଟି ୨୫ ପଇସା ମୁଦ୍ରା ପାଇବା ? ☐

(ଚ) ଗୋଟିଏ ୫ ଟଙ୍କା ମୁଦ୍ରା ଦେଲେ କେତୋଟି ୧ ଟଙ୍କା ମୁଦ୍ରା ପାଇବା ? ☐

(ଛ) ଗୋଟିଏ ୫ ଟଙ୍କା ମୁଦ୍ରା ଦେଲେ କେତୋଟି ୫୦ ପଇସା ମୁଦ୍ରା ପାଇବା ? ☐

୫. ନୋଟ୍ ଓ ମୁଦ୍ରା ମିଶି କେତେ ହେବ ଲେଖ ?

(କ)  = ୩୦ ଟଙ୍କା

(ଖ)  = ---------- ଟଙ୍କା

(ଗ)  = ---------- ଟଙ୍କା

(ଘ)  = --------- ଟଙ୍କା

୬. ମୁଦ୍ରାର ମୂଲ୍ୟକୁ ମିଶାଇ ମୋଟ ମୂଲ୍ୟ ଲେଖ ।

(କ) ୨୦ଟଙ୍କା + ୫ ଟଙ୍କା = [ ] ଟଙ୍କା

(ଖ) ୨୦ଟଙ୍କା + ୧୦ ଟଙ୍କା = [ ] ଟଙ୍କା

(ଗ) ୧୦ଟଙ୍କା + ୫ ଟଙ୍କା + ୫ ଟଙ୍କା = [ ] ଟଙ୍କା

(ଘ) ୨୦ ଟଙ୍କା + ୧୦ ଟଙ୍କା + ୧୦ ଟଙ୍କା = [ ] ଟଙ୍କା

୭. ମନେ ମନେ ହିସାବ କରି କୁହ ଓ ପରେ ଉତ୍ତରକୁ ଡାହାଣ ପାଖ କୋଠରିରେ ଲେଖ ।

(କ) ତୁମେ ଗୋଟିଏ ବହି କିଣି ଦୋକାନୀକୁ ୨ଟି ୧୦ ଟଙ୍କିଆ ନୋଟ୍ ଓ ଗୋଟିଏ ୫ ଟଙ୍କିଆ ନୋଟ୍ ଦେଲ । ବହିର ଦାମ୍ କେତେ ?

(ଖ) ଗୋଟିଏ ବିସ୍କୁଟ୍ ପ୍ୟାକେଟ୍‌ର ଦାମ୍ ୨୨ଟଙ୍କା । କୁନା ଗୋଟିଏ ବିସ୍କୁଟ ପ୍ୟାକେଟ୍ କିଣି ଦୋକାନୀକୁ ୩୦ଟଙ୍କା ଦେଲା । ଦୋକାନୀ ତାକୁ କେତେ ଟଙ୍କା ଫେରାଇବ ?

(ଗ) ଗୋଟିଏ ମିଠେଇର ମୂଲ୍ୟ ୨ଟଙ୍କା । ସୀମା ୨ଟି ମିଠାଇ କିଣି ଦୋକାନୀକୁ ୧୦ ଟଙ୍କା ଦେଲା । ଦୋକାନୀ ତାକୁ କେତେ ଟଙ୍କା ଫେରାଇବ ?

(ଘ) ଗୋପାଳ ପାଖରେ କିଛି ୫ ଟଙ୍କିଆ ମୁଦ୍ରା ଓ ୧୦ ଟଙ୍କିଆ ନୋଟ୍ ଅଛି । ୩୫ ଟଙ୍କା ମୂଲ୍ୟର ଏକ ଖେଳନା କିଣିବା ପାଇଁ ୧୦ ଟଙ୍କିଆ ନୋଟ୍ ସହିତ କେତୋଟି ୫ ଟଙ୍କିଆ ମୁଦ୍ରା ଦେବ ?

(ଙ) ସୀତା ପାଖରେ ୬ଟି ୨ ଟଙ୍କିଆ ନୋଟ୍ ଓ ୫ଟି ୫ଟଙ୍କିଆ ନୋଟ୍ ଥିଲା । ତେବେ ସେ ଦୁଇ ଜଣଙ୍କ ପାଖରେ ମୋଟ କେତେ ଟଙ୍କା ଥିଲା ?

## ତୁମ ପାଇଁ କାମ



ଆସ, ଆମେ ମୁଦ୍ରାର ଛାପ ଆଙ୍କିବା ।

- ବିଭିନ୍ନ ପ୍ରକାର ମୁଦ୍ରା ସଂଗ୍ରହ କର ।
- ଟେବୁଲ୍ ଉପରେ ମୁଦ୍ରା ରଖି ତା' ଉପରେ ଏକ ପତଳା କାଗଜ ରଖ ।
- ଗୋଟିଏ ହାତରେ କାଗଜକୁ ଧରି ପେନ୍‌ସିଲର ପଛପଟକୁ ମୁଦ୍ରା ଉପରେ ଧୀରେ ଧୀରେ ଘଷ ।
- ତୁମ ମନ ପସନ୍ଦର ମୁଦ୍ରା ଚିତ୍ର ପାଇବ ।